ପ୍ରମେୟ
THE PRAMEYA

27th Feb 2021

# ଆଇଆଇଟିକୁ 'ଫିକି'ର ଚଳିତବର୍ଷର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ସମ୍ମାନ

ଆଇଆଇଟିକୁ 'ଫିକି'ର ଚଳିତବର୍ଷର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ସମ୍ମାନ

ଭୁବନେଶ୍ୱର,୨୬।୨(ବ୍ୟୁରୋ): ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱରକୁ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ପକ୍ଷରୁ ସମ୍ମାନିତ କରାଯାଇଛି। ପ୍ରତିଷ୍ଠା ହେବାର ୧୧ରୁ ୩୦ ବର୍ଷ ଚାଲିଥିବା ବିଶ୍ୱବିଦ୍ୟାଳୟ ବର୍ଗରେ ଫିକି ପକ୍ଷରୁ ଚଳିତବର୍ଷର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ସମ୍ମାନିତ କରାଯାଇଛି। ୨୦୨୧ରେ ଫିକିର ସପ୍ତମ ସଂସ୍କରଣରେ ମୋଟ ୧୧ ଟି ବର୍ଗର ପୁରସ୍କାର

## ପ୍ରତିଷ୍ଠା ହେବାର ୧୧ରୁ ୩୦ ବର୍ଷ ବର୍ଗରେ ମିଳିଛି

ଥିଲା। ପ୍ରଫେସର ଆର ଏ ମଶେଲକରଙ୍କ ଅଧ୍ୟକ୍ଷତାରେ ଏକ ବିଶିଷ୍ଟ ବିଶେଷଜ୍ଞ ପ୍ୟାନେଲ୍ ବିଚାର କରି ଏହି ପୁରସ୍କାର ଘୋଷଣା କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର ଭି ରାଜ କୁମାର କହିଛନ୍ତି, ''ଆଇଆଇଟି ଭୁବନେଶ୍ୱର ଛାତ୍ରମାନଙ୍କୁ ସାମଗ୍ରିକ ଶିକ୍ଷା ପ୍ରଦାନ କରିବାକୁ ଚେଷ୍ଟା କରୁଛି। ବିଭିନ୍ନ ଶିକ୍ଷାଗତ ଯୋଗ୍ୟତା ମାଧ୍ୟମରେ ପାଠପଢ଼ାରେ ଉତ୍କର୍ଷ ଆଣିପାରିଛି। ମହାମାରୀ ସମୟରେ ଅନେକ ଚ୍ୟାଲେଞ୍ଜକୁ ପ୍ରତିହତ କରି ଆଗେଇ ପାରିଛି ବୋଲି ପ୍ରଫେସର ରାଜକୁମାର କହିଛନ୍ତି।